# ବିଶ୍ୱାସରେ ବିଷ

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଜଗନ୍ନାଥଙ୍କ ନବକଳେବରର ଘଟ ପରିବର୍ତ୍ତନକୁ ନେଇ ବିଭ୍ରାଟ ସବୁ ସୀମା ଲଂଘନ କରିବା ସହିତ ସାରା ଓଡ଼ିଶାକୁ ବ୍ୟଥିତ କରିଛି। ସରକାର ଗୋଇଠା ମାରି ବିଷ୍ଣୁ କଲାପରି ଦୁଇଜଣ ଦଇତାପତିଙ୍କୁ ନିଲମ୍ବିତ କରି କୌଣସି ପ୍ରକାରେ ଜନଅସନ୍ତୋଷକୁ ଚପାଇ ଦେବା ପାଇଁ ଚେଷ୍ଟା କରୁଥିଲା ବେଳେ ରାଜନୈତିକ ଦଳମାନେ ଏହାର ସୁଯୋଗ ନେଇ ନିଜର ହରାଇଥିବା ପତିଆରାକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରୁଛନ୍ତି। ଆମ ବିଚାରରେ ଘଟ ପରିବର୍ତ୍ତନର ବିଭ୍ରାଟ ଓଡ଼ିଆ ଜାତୀୟ ଜୀବନର ଅନ୍ୟ ଏକ ବିଲକ୍ଷଣକୁ ସୂଚାଇ ଦେଉଛି।

ଓଡ଼ିଆ ଜାତୀୟ ଜୀବନ ଜଗନ୍ନାଥଙ୍କୁ ନେଇ ପରିଚିତ ଓ ପରିପୁଷ୍ଟ। ଏବେ ବି ସାରା ବିଶ୍ୱରେ 'ଜଗନ୍ନାଥ ଦେଶ'ରୁ ଆସିଛୁ ବୋଲି କହି ଓଡ଼ିଆ ଗର୍ବ ଅନୁଭବ କରେ ଏବଂ ଚିହ୍ନା ପଡ଼େ। ଜଗନ୍ନାଥ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାଧାରଣତନ୍ତ୍ରର ସର୍ବଶ୍ରେଷ୍ଠ ପ୍ରତୀକ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମ ସମ୍ବିଧାନ ସାଧାରଣ କ୍ଷେତ୍ରର ବିସ୍ତାର ଓ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। ସାଧାରଣ କ୍ଷେତ୍ରର ସୁରକ୍ଷା ଗଣତାନ୍ତ୍ରିକ ରାଷ୍ଟ୍ର ଦାୟିତ୍ୱରେ ଥିବା ପ୍ରତିନିଧି ଶାସକମାନଙ୍କର ପ୍ରଧାନ କର୍ତ୍ତବ୍ୟ। ଏବେ କିନ୍ତୁ ଦେଖାଯାଉଛି, ନିର୍ବାଚିତ ପ୍ରତିନିଧିମାନେ ଥରେ ଶାସନ କ୍ଷମତାକୁ ଆସିଲେ ସାଧାରଣ କ୍ଷେତ୍ର ପ୍ରତି ତାଙ୍କର ଦାୟିତ୍ୱ ଅଛି ବୋଲି ଭୁଲି ଯାଉଛନ୍ତି। ସାଧାରଣ କ୍ଷେତ୍ରର ସଂକୋଚନ ବା ନିଜିକରଣ ଅବାରିତ ଭାବେ ଚାଲିଛି। ଏହା ଯେ କୌଣସି ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ବଡ଼ ବିପଦ। ଓଡ଼ିଶାର ଶାସନ ବ୍ୟବସ୍ଥାକୁ ଏହି ଦୃଷ୍ଟିରୁ ବିଚାର କଲେ ଲକ୍ଷ୍ୟ କରିହେବ ଯେ ନିର୍ବାଚିତ ସରକାରମାନେ କେବଳ ଅଂହକାରୀ ହୋଇନାହାନ୍ତି, ସାଧାରଣ କ୍ଷେତ୍ରକୁ ସଂକୁଚିତ କରିଚାଲିଛନ୍ତି। ଏହି ସଂକୋଚନ ପ୍ରକ୍ରିୟା ବେଳେବେଳେ ସବୁକିଛିକୁ ଅତିକ୍ରମ କରି ଚରମ ସୀମାରେ ପହଞ୍ଚୁଛି। ଜଗନ୍ନାଥଙ୍କ ଘଟ ପରିବର୍ତ୍ତନର ବିଭ୍ରାଟ ଏହି ଚରମସୀମାର ପ୍ରତିଫଳନ ମାତ୍ର।

ଜଗନ୍ନାଥ ସାଧାରଣ କ୍ଷେତ୍ରର ସର୍ବଶ୍ରେଷ୍ଠ ପ୍ରତୀକ। ସାଧାରଣ ଲୋକଟି ପରି ତାଙ୍କର ଦୈନନ୍ଦିନ ଜୀବନ। ଆହାର, ନିଦ୍ରା, ମନୋରଂଜନର ଆବଶ୍ୟକତା ସହିତ ଆମ ଜଗନ୍ନାଥଙ୍କୁ ଥଣ୍ଡା ଜର ମଧ୍ୟ ହୋଇଥାଏ। ଦାସିଆ ବାଉରି, ଭକ୍ତ ସାଲବେଗ ଓ ଗଜପତି ମହାରାଜା ସମସ୍ତେ ତାଙ୍କର ଭକ୍ତ। ବର୍ଷରେ ଥରେ ସେ ମନ୍ଦିରରୁ ବାହାରି ସାଧାରଣ ଲୋକଙ୍କ ସହ ରଥଯାତ୍ରା କରନ୍ତି। ସାଧାରଣ ଲୋକଟିଏ ତାଙ୍କ ପାଖରେ ଅଳି କରେ; ତାଙ୍କୁ ଗାଳି ଦିଏ। ସେ ଭକ୍ତର ଅଧୀନ ବୋଲି ଆମମାନଙ୍କର ବିଶ୍ୱାସ ରହିଛି। ସାଧାରଣ କ୍ଷେତ୍ରର ପ୍ରତିନିଧିତ୍ୱ କରୁଥିବା ଏହିଭଳି ଏକ ଠାକୁରଙ୍କୁ ନିଜର ବ୍ୟକ୍ତିଗତ ସମ୍ପତ୍ତିରେ ପରିଣତ କରିବା ପାଇଁ ଉଦ୍ୟମ ହୋଇଛି ବୋଲି କୁହାଯାଇପାରେ। ସାଧାରଣ କ୍ଷେତ୍ରର ନିଜିକରଣ ଏକ ବିଲକ୍ଷଣ। ଆମ ସାମଗ୍ରିକ ଜୀବନର ବିଭିନ୍ନ କ୍ଷେତ୍ରରେ ଊଣା ଅଧିକେ ଏହା ପ୍ରତିଫଳିତ ହେଉଛି।

ଓଡ଼ିଶାର ସବୁ ସମ୍ପଦ ଓଡ଼ିଶାବାସୀଙ୍କର। ଜଗନ୍ନାଥ ସବୁ ଦୃଷ୍ଟିରୁ ଆମକୁ ଆଶୀର୍ବାଦ କରିଛନ୍ତି। ଭୂଇଁ ଉପରେ ଯେମିତି ମୂଲ୍ୟବାନ ଜଙ୍ଗଲ ସମ୍ପଦ ଦେଇଛନ୍ତି, ଭୂଇଁ ତଳେ ତା'ଠାରୁ ଅଧିକ ମୂଲ୍ୟବାନ ଖଣିଜ ସମ୍ପଦ ଦେଇଛନ୍ତି। ଭୂଇଁ କଡ଼ରେ ୪୮୦ କିଲୋମିଟର ବେଳାଭୂମି ମଧ୍ୟ କୌଣସି ପ୍ରଦେଶର ନାହିଁ। ଓଡ଼ିଶାର ନଦନଦୀ ଚାରିକୋଟି ଲୋକଙ୍କର ଜୀବନଧାରା ପାଳଟିବା ପାଇଁ ଯଥେଷ୍ଟ। ତେବେ ଆମେ କୁଳାଙ୍ଗାରମାନେ ସେହିସବୁ ସାଧାରଣ ସମ୍ପତ୍ତିକୁ ଲୁଟି ନେଇ ନିଜର କରିବାରେ ବ୍ୟସ୍ତ। ଖଣି, ଜମି ଓ ପାଣି ଆଜି ମୁଷ୍ଟିମେୟ ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କର କବ୍‌ଜାରେ।

ସାଧାରଣ ଲୋକର ଧନ ଓ ଜୀବନ ସୁରକ୍ଷିତ ରଖିବା ଗୋଟିଏ ରାଷ୍ଟ୍ରର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ। କିନ୍ତୁ ଓଡ଼ିଆଙ୍କର ଧନ ଜୀବନ ଆଜି ସୁରକ୍ଷିତ ଥିଲା ପରି ମନେହେଉନାହିଁ। ପ୍ରତିଦିନ ଖବରକାଗଜର ପୃଷ୍ଠା ଓଲଟାଇଲେ ଏହାର ପ୍ରମାଣ ମିଳୁଛି। ସାଧାରଣ ନାଗରିକର କଷ୍ଟୋପାର୍ଜିତ ଧନ ଚିଟ୍‌ଫଣ୍ଡ ବ୍ୟାପାରରେ କିପରି ମୁଷ୍ଟିମେୟ ଲୋକଙ୍କ ହାତକୁ ଚାଲିଗଲା ତାହା ଆମେ ସମସ୍ତେ ଜାଣୁଛୁ, ଦେଖୁଛୁ, ଅଥଚ କିଛି କରିପାରୁନାହୁଁ। ସାଧାରଣ ମଣିଷଟିକୁ ଟଙ୍କିକିଆ ଚାଉଳ, ପାଞ୍ଚଟଙ୍କିଆ ଭାତ-ଡାଲମା, ଜୋତା, ଛତା ଓ ଭତ୍ତା ଦେଇ ନିଜର ବ୍ୟକ୍ତିଗତ ସମ୍ପତ୍ତିରେ ପରିଣତ କରି ଦିଆଯାଉଛି। ଏହା ପୁରୁଣା କ୍ରୀତଦାସ ପ୍ରଥାଠାରୁ କୌଣସି ଗୁଣରେ କମ୍ ନୁହେଁ।

ଏହିଭଳି ଏକ ପରିସ୍ଥିତିରେ ଜଗନ୍ନାଥଙ୍କ ଘଟ ପରିବର୍ତ୍ତନ ବିଭ୍ରାଟ ଅନେକଙ୍କୁ ଅସ୍ୱାଭାବିକ ମନେ ନହୋଇପାରେ। ସରକାର, ମନ୍ଦିର ପ୍ରଶାସନ ଓ ଦଇତାପତିମାନଙ୍କର ବୟାନ ସେଥିପାଇଁ ଆମକୁ ଆଶ୍ଚର୍ଯ୍ୟ କରୁନାହିଁ। ସମୁଦାୟ ବ୍ୟାପାରଟିକୁ କୌଣସି ଉପାୟରେ ଚପାଇ ଦେବାପାଇଁ ଆମ ବ୍ୟବସ୍ଥା ପୂରା ଦମ୍‌ରେ ଲାଗି ପଡ଼ିଛି। ତେବେ ଏଥିରେ ସେମାନେ ସଫଳ ହେବେ କି?

ଜଗନ୍ନାଥ କ'ଣ ସତରେ ଅଛନ୍ତି, ଦାରୁ ଦେବତାଙ୍କ ମଧ୍ୟରେ ବ୍ରହ୍ମ ଅଛି କି ନାହିଁ- ଏସବୁ ବିଶ୍ୱାସର କଥା। କଥାରେ ଅଛି 'ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର'। ଆଜି ସରକାର, ମନ୍ଦିର ପ୍ରଶାସନ ଓ ଦଇତାପତିମାନେ ଆମର ବିଶ୍ୱାସରେ ବିଷ ଦେଇଛନ୍ତି। ଏ ପାପର ପ୍ରାୟଶ୍ଚିତ ନାହିଁ। ଓଡ଼ିଆଙ୍କୁ ଭିନ୍ନ ଭିନ୍ନ ସମୟରେ ଅଳସୁଆ, ପ୍ରତିକ୍ରିୟାହୀନ ଜାତି ଭାବରେ ବର୍ଣ୍ଣନା କରାଯାଇଛି। ଅତୀତରେ ଜଗନ୍ନାଥଙ୍କ ସହିତ ଏ ଜାତିର ସମ୍ପର୍କକୁ ତୁଟାଇବା ପାଇଁ ଚେଷ୍ଟା କରାଯାଇଛି। କିନ୍ତୁ ତାହା ସଫଳ ହୋଇନାହିଁ। ଏବେ ମଧ୍ୟ ହେବ ନାହିଁ।